


# ‘ଇଫୁନା’ ଓ ‘ଉଫୁନା’ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ପ୍ରାତଃ ୦୮ ଘଟିକା ସମୟରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ ସ୍ ଆସୋସିଏସନ୍(ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ -୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଏହି ସଭାରେ ଇଫୁନାର ଜାତୀୟ ଉପ-ସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍ ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ସ୍ୱୀୟ ବକ୍ତବ୍ୟରେ କହିଲେ ଯେ ବୁଦ୍ଧଦେବ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଦୀର୍ଘ ଚଉଦ ବର୍ଷ ବଣରେ ତପସ୍ୟା କରିଥିଲେ। ମୁଖ୍ୟବକ୍ତାଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦାନ କରି କହିଲେ ଯେ ବିଶିଷ୍ଟ ଇଂରାଜୀ ଦାର୍ଶନିକ ଇ.ଏମ୍ .ଫ୍ରଷ୍ଟର କହିଥିଲେ ଯେ ବନ୍ଧୁ ଓ ଦେଶ ମଧ୍ୟରେ ଯଦି ବିଶ୍ୱାସଘାତକତା କରିବାକୁ ପଡ଼େ ତାହେଲେ ମୁଁ ଦେଶଦ୍ରୋହୀ ହେବି ପଛେ ବନ୍ଧୁଦ୍ରୋହୀ ହେବିନାହିଁ। ଡ.ପ୍ରମୋଦ କୁମାର ନାୟକ କହିଲେ ଯେ ବନ୍ଧୁ ଓ ଦେଶ ମଧ୍ୟରେ ମୁଁ ପ୍ରଥମେ ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇଥାଏ। ଏହି ଆଲୋଚନା ଚକ୍ରରେ ଶେଷଦେବ ରାଉତ, ଲକ୍ଷ୍ମୀଧର ଶତପଥୀ, ତରୁଣକାନ୍ତି ବିଶ୍ୱାଳ, ଗିରିଶ ଚନ୍ଦ୍ର ସାମଲ, ରବିନାରାୟଣ ପଟ୍ଟନାୟକ, ବସନ୍ତ କୁମାର ବିଶ୍ୱାଳ, ଅଜୟ କୁମାର ସାହୁ,ସୁରେଶ ଚନ୍ଦ୍ର ନାୟକ,ଇଂ. ଯୁଧିଷ୍ଠିର ସାହୁ,ଡ଼ା ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଗୋଟିଏ ଓଡ଼ିଆ ସନେଟ୍ ଓ ଗୋଟିଏ ଇଂରାଜୀ ସନେଟ୍ ଆବୃତି କରିବା ସଙ୍ଗେ ସଙ୍ଗେ ସ୍ୱୀୟ ସ୍ୱୀୟ ବକ୍ତବ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ଭାରତ ସମେତ ବିଶ୍ୱର ଅନେକ ଦେଶରେ ବିଶ୍ୱ ବନ୍ଧୁତ୍ୱ ଦିବସ ବହୁତ ଉତ୍ସାହର ସହ ପାଳନ କରାଯାଏ। ଏହା ସହିତ ମିଳିତ ଜାତିସଂଘ ଦ୍ୱାରା ଜୁଲାଇ ୩୦ ତାରିଖକୁ ମଧ୍ୟ ‘ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ’ ଭାବେ ଘୋଷଣା କରାଯାଇଛି। ଏହି ଦିବସଟି ଜୀବନର ସବୁଠାରୁ ସୁନ୍ଦର ଓ ପବିତ୍ର ସମ୍ପର୍କ ବନ୍ଧୁତାକୁ ସମ୍ମାନ ଜଣାଇବା ପାଇଁ ଉଦ୍ଦିଷ୍ଟ। ବନ୍ଧୁତ୍ୱ ଦିବସର ଇତିହାସ ପ୍ରାରମ୍ଭିକ ଆରମ୍ଭ ୧୯୩୦ ମସିହାରେ ହଲମାର୍କ କାର୍ଡର ପ୍ରତିଷ୍ଠାତା ଜଏସ ହଲ୍ ଏହି ଦିନର ପରିକଳ୍ପନା କରିଥିଲେ। ବିଶ୍ୱସ୍ତରୀୟ ପ୍ରସ୍ତାବ ୧୯୫୮ ମସିହା ଜୁଲାଇ ୩୦ରେ ପ୍ରଥମ କରି ପରାଗୁଏରେ ୱାର୍ଲ୍ଡ କ୍ରୁସେଡ୍ ଫର ଫ୍ରେଣ୍ଡସିପ୍ ଦ୍ୱାରା ଏକ ଆନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସର ପ୍ରସ୍ତାବ ଦିଆଯାଇଥିଲା। ଆମେରିକାର କାହାଣ, ୧୯୩୫ ମସିହାରେ ଆମେରିକା ସରକାର ଅଗଷ୍ଟ ପ୍ରଥମ ରବିବାର ଦିନ ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ, ଯାହାଙ୍କ ଦୁଃଖରେ ତାଙ୍କ ବନ୍ଧୁ ମଧ୍ୟ ଆତ୍ମହତ୍ୟା କରିଥିଲେ। ସେହି ଦିନଠାରୁ ଏହି ସମ୍ପର୍କକୁ ମନେ ପକାଇବା ପାଇଁ ଆମେରିକାରେ ଫ୍ରେଣ୍ଡସିପ୍ ଡେ ଆରମ୍ଭ ହୋଇଥିଲା। ପୌରାଣିକ ମହତ୍ୱଭାରତୀୟ ସଂସ୍କୃତିରେ ବନ୍ଧୁତାର ଉଦାହରଣ ଯୁଗେ ଯୁଗେ ଦେଖିବାକୁ ମିଳିଛି। ମହାଭାରତ ଓ ପୁରାଣରେ କୃଷ୍ଣ-ସୁଦାମା,ଜଗନ୍ନାଥ-ଅର୍ଜୁନ ଏବଂ ରାମାୟଣରେ ରାମ-ସୁଗ୍ରୀବଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଆଜି ବି ସମସ୍ତଙ୍କ ପାଇଁ ଏକ ପ୍ରେରଣା ଅଟେ। ସାର୍ଥକ ପଟ୍ଟନାୟକ, ଇଂ.ଅବିନାଶ ଦାସ, ବିପିନ ବିହାରୀ ବେହେରା ପ୍ରମୁଖ ଇଫୁନାର ସମସ୍ତ ଶତାଧିକ ସହଯୋଗୀ ସଦସ୍ୟା,ସଦସ୍ୟ ମଧ୍ୟ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏଥିରେ ସମାଜସେବୀ ସରୋଜ କୁମାର ଶତପଥୀ ସ୍ୱାଗତଭାଷଣ ଦେଇଥିବା ବେଳେ ଗୋକୁଳ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଭାରତୀୟ ନ୍ୟାୟ ସଂହିତା’ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ୧୮୬୦ ମସିହାର ଇଣ୍ଡିଆନ୍ ପେନାଲ କୋଡପରିବର୍ତ୍ତନ ହୋଇ ଭାରତୀୟ ନ୍ୟାୟ ସଂହିତା, ୧୯୭୩ ର କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଜିୟୋର୍ ଆକ୍ଟ ପରିବର୍ତ୍ତନ ହୋଇ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟର ରୂପାନ୍ତର ଭାରତୀୟ ସାକ୍ଷ୍ୟ ଅଧିନିୟମକୁ ନେଇ ଜନ ସଚେତନତା ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଯୋଗୋପଯୋଗୀ ନ୍ୟାୟିକ ବ୍ୟବସ୍ଥା ସହ ସାଧାରଣ ଜନତାଙ୍କୁ ଯୋଡିବାର ଉପକ୍ରମ ସ୍ୱରୂପ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଅଧିନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର ତଥା ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନର ମିଳିତ ପ୍ରୟାସରେ ଲୁହାଙ୍ଗର ପଞ୍ଚାୟତରେ ଆୟୋଜିତ ଏକ ଦୁଇଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅଞ୍ଚଳର ଜନପ୍ରତିନିଧି ତଥା ସରପଞ୍ଚ ଶ୍ରୀମତୀ କମଳା ରେଡ୍ଡି ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶତାଧିକ ମହିଳାଙ୍କ ଅଂଶଗ୍ରହଣ ସହ ଏକ ବିଶାଳ ଜନ ସଚେତନତା ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା କ୍ଷ ଯୁବ ଏବଂ ସମାଜ ବିକାଶ ସଂଗଠନର ସଂଯୋଜକ ସୁଦୀପ ଚକ୍ରବର୍ତ୍ତୀ, ବ୍ଲକ୍ ସଂଯୋଜକ ମାମାଲି ପଣ୍ଡା, କେଶବ ପାତ୍ର, ବୁଦ୍ଧିଜୀବୀ ସୁଦର୍ଶନ ସ୍ୱାଇଁ, ଉମାଶଙ୍କର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ କ୍ଷ ମୁଖ୍ୟ ବକ୍ତା ତଥା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆଇନ୍ ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକ କହିଥିଲେ କି, ‘ଭାରତୀୟ ନ୍ୟାୟ ସଂହିତା ୨୦୨୩ ହେଉଛି ଭାରତର ନୂତନ ଅପରାଧିକ ଆଇନ୍, ଯାହା ବ୍ରିଟିଶ ଅମଳ ତଥା ୧୮୬୦ ମସିହାର ଭାରତୀୟ ଦଣ୍ଡ ସଂହିତା ସ୍ଥାନରେ ଲାଗୁ ହୋଇଛି। ଜିରୋ ଏଫ୍ଆଇଆର୍ ମାଧ୍ୟମରେ ଯେକୌଣସି ଥାନାରେ ଅପରାଧର ରିପୋର୍ଟ ଲେଖାଯାଇପାରିବ, ଯାହା ପରବର୍ତ୍ତୀ ସମୟରେ ସଂପୃକ୍ତ ଥାନାକୁ ପଠାଯାଇପାରିବ। ପୋର୍ଟାଲ୍ ମାଧ୍ୟମରେ ଇ- ଏଫ୍ଆଇଆର୍‌ର ବ୍ୟବହାର ବୃଦ୍ଧି ପାଉଛି ବୋଲି ସେ ଦର୍ଶାଇଥିଲେ। ଭାରତୀୟ ନ୍ୟାୟ ସଂହିତା ପ୍ରାବଧାନ ଅନୁଯାୟୀ ମହିଳା ଓ ଶିଶୁ ସମ୍ବନ୍ଧୀୟ ଗୁରୁତର ଅପରାଧଗୁଡିକର ୬୦ ଦିନ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ କୋର୍ଟରେ ଦାଖଲ କରିବାକୁ ପୋଲିସ୍ କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛ। ମହିଳା ସୁରକ୍ଷା ପାଇଁ କଠୋର ନିୟମ ଓ ସ୍ୱତନ୍ତ୍ର ଆଇନଗତ ପ୍ରାବଧାନ ରହିଛ। ମୁଖ୍ୟ ଅତିଥି ରେଡ୍ଡି ପୁରୁଣା ଆଇପିସି ତୁଳନାରେ ଭାରତୀୟ ନ୍ୟାୟ ସଂହିତାରେ ମହିଳାଙ୍କ ପ୍ରତି ହେଉଥିବା ଅପରାଧକୁ ସ୍ୱତନ୍ତ୍ର ପରିଶିଷ୍ଟରେ ରଖି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଚାର କାର୍ଯ୍ୟାଳୟ, ବ୍ରହ୍ମପୁରର ସହକାରୀ ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମିଛି ବର୍ଷା, ବଢୁଛି ଦୁର୍ଦ୍ଦଶା, ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଗଡ଼(ଭାସ୍କର ନ୍ୟୁଜ୍): ଲଘୁଚାପ ଜନିତ ପ୍ରଳୟଙ୍କରୀ ଲଗାଣ ବର୍ଷାର ପ୍ରକୋପ ସିନା କମିଛି, ହେଲେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକବାସୀଙ୍କ ପାଇଁ ଏହା ସାଉଁଟି ଦେଇଯାଇଛି ଅସହ୍ୟ ଦୁର୍ଦ୍ଦଶା। ଚଳିତ ଲଗାଣ ବର୍ଷାରେ ଗୋଲାମୁଣ୍ଡା ବ୍ଲକରେ ଜିଲ୍ଲାର ସର୍ବାଧିକ ୧୦୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ପ୍ରଳୟଙ୍କରୀ ବର୍ଷା ଯୋଗୁଁ ସମଗ୍ର ବ୍ଲକରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇପଡ଼ିଛି।ଲଗାଣ ବର୍ଷାର ସବୁଠାରୁ ବଡ଼ ପ୍ରଭାବ ଅଞ୍ଚଳର ଯାତାୟାତ ବ୍ୟବସ୍ଥା ଉପରେ ପଡ଼ିଛି। ଗୋଲାମୁଣ୍ଡା ବ୍ଲକ ଦେଇ ଗତି କରିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ , ପୂର୍ତ୍ତ ବିଭାଗ ସାଙ୍ଗକୁ ବ୍ଲକ ପ୍ରଶାସନ ଅଧୀନରେ ଥିବା ପ୍ରମୁଖ ରାସ୍ତାଘାଟ ସବୁ ଜଳସ୍ରୋତରେ ଧୋଇ ଚୁରମାର ହୋଇଯାଇଛି। ରାସ୍ତାର ପିଚୁ ସ୍ତର ସମ୍ପୂର୍ଣ୍ଣ ଉପୁଡ଼ି ଯାଇ ପ୍ରଖର ସ୍ରୋତରେ ଭାସି ଯାଇଛି। ବିଭିନ୍ନ ସ୍ଥାନରେ ରାସ୍ତା ମଝିରେ ବଡ଼ ବଡ଼ ଗାତ ଓ କ୍ଷତ ସୃଷ୍ଟି ହୋଇଥିବାରୁ ଏହା ମରଣଯନ୍ତା ପାଲଟିଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିଥିବାରୁ ଜରୁରୀ କାଳୀନ ସେବା ଏବଂ ରୋଗୀ ପରିବହନ ବାଧାପ୍ରାପ୍ତ ହୋଇଛି। ଗୋଲାମୁଣ୍ଡା ମୁଖ୍ୟତଃ ଏକ କୃଷି ପ୍ରଧାନ ବ୍ଲକ ଭାବେ ଜଣାଶୁଣା। ଏଠାକାର ହଜାର ହଜାର ଚାଷୀ ପରିବାର ମୁଖ୍ୟତଃ କପା ଏବଂ ଧାନ ଚାଷ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ଚଳିତ ବର୍ଷା ସେମାନଙ୍କ ଆଶା ଆକାଂକ୍ଷା ଉପରେ ପାଣି ବୁଲାଇ ଦେଇଛି। ଏକର ଏକର ଚାଷ ଜମିରେ ବନ୍ୟା ପାଣି ଜମି ରହିଥିବାରୁ କପା ଗଛ ସଢ଼ିବାକୁ ବସିଲାଣି ଏବଂ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ବର୍ଷ ସାରାର ପରିଶ୍ରମ ଏବଂ କରଜ କରି କରିଥିବା ଚାଷ ଆଖି ଆଗରେ ନଷ୍ଟ ହେଉଥିବା ଦେଖି ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି।ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ବିଭିନ୍ନ ତଳିଆ ଅଞ୍ଚଳରେ ଥିବା ଗାଁ ଗୁଡ଼ିକ ମଧ୍ୟକୁ ବନ୍ୟା ପାଣି ମାଡ଼ି ଆସିଛି। ବହୁ ଲୋକଙ୍କ ମାଟିଘର ଭାଙ୍ଗିଯାଇଥିବା ବେଳେ ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି। ଘରର ଆସବାବପତ୍ର, ଖାଦ୍ୟ ଶସ୍ୟ ସବୁ ପାଣିରେ ଭିଜି ନଷ୍ଟ ହୋଇଯାଇଛି। କେତେକ ଅଞ୍ଚଳ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ସଦୃଶ ପରିସ୍ଥିତି ସୃଷ୍ଟି କରିଛି, ଯେଉଁଠି ପିଇବା ପାଣି ଓ ଶୁଖିଲା ଖାଦ୍ୟର ଘୋର ଅଭାବ ଦେଖାଦେଇଛି।ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏହି ଭୟାବହ ସ୍ଥିତିକୁ ଦେଖି ସାଧାରଣ ଜନତା ଏବଂ ଚାଷୀ ସଂଗଠନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାଜ୍ୟ ସରକାରଙ୍କ ଏକ ବଡ଼ ଧରଣର ଉଚ୍ଚସ୍ତରୀୟ ଟିମ୍ ଗଠନ କରି ଗୋଲାମୁଣ୍ଡା ବ୍ଲକ ଗସ୍ତ କରିବାକୁ ଦାବି ହୋଇଛି। ଏହି ଟିମ୍ ପ୍ରତ୍ୟେକ କ୍ଷତିଗ୍ରସ୍ତ ଅଞ୍ଚଳ, ରାସ୍ତାଘାଟ ଏବଂ ଚାଷ ଜମିର ସର୍ଜମିନ ଯାଞ୍ଚ କରି କ୍ଷୟକ୍ଷତିର ଆକଳନ କରିବା ଜରୁରୀ ହୋଇପଡ଼ିଛି।

# ବାଲି ମାଫିଆଙ୍କ ରାଜ, ବଡ଼ କେଳାଝୁରୀରୁ ବେଆଇନ ଲୁଟ୍



ଚିକିଟି(ଭାସ୍କର ନ୍ୟୁଜ୍): ଚିକିଟି ଅଞ୍ଚଳରେ ଏବେ ଆଇନର ଶାସନ ନୁହେଁ, ବରଂ ବାଲି ମାଫିଆଙ୍କ ରାଜ ଚାଲିଥିବା ଦେଖିବାକୁ ମିଳୁଛି। ବାରମ୍ବାର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏବଂ କଠୋର ଆଇନଗତ କଟକଣା ସତ୍ତ୍ୱେ ବଡ଼ କେଳାଝୁରି ଅଞ୍ଚଳରୁ ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନାହିଁ। ପ୍ରଶାସନ ପକ୍ଷରୁ ବିଏନ୍ଏସ୍ ୧୬୩ (ପୂର୍ବତନ ବିଏନ୍ଏସ୍ ୧୪୪) ଧାରା ଲାଗୁ ହୋଇଥିବା ସତ୍ତ୍ୱେ ମାଫିଆମାନେ ଖୋଲା ଦିବାଲୋକରେ ସ୍ପଷ୍ଟ ଭାବେ ସରକାରୀ ଆଦେଶକୁ ବେଖାତିର କରି ଲକ୍ଷାଧିକ ଟଙ୍କାର ବାଲି ଚାଲାଣ କରୁଛନ୍ତି। ଖଣି ବିଭାଗ, ପୋଲିସ ଓ ରାଜସ୍ୱ ବିଭାଗ ଆଖି ଆଗରେ ଏହି ବେଆଇନ କାରବାର ଚାଲିଥିଲେ ବି ସମସ୍ତେ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଗୁରୁତର ସନ୍ଦେହ ସୃଷ୍ଟି କରିଛି। କାହା ଛାତ୍ରଛାୟାରେ ଚାଲିଛି ଏହି ଖୋଲା ଚାଲେଞ୍ଜସରକାରୀ ନିୟମ ଓ ପୋଲିସ ପ୍ରଶାସନକୁ ଆଙ୍ଗୁଠି ଦେଖାଇ ମାଫିଆମାନେ ଯେଉଁଭଳି ଭାବେ ପ୍ରତିଦିନ ଶତାଧିକ ଗାଡ଼ି ବାଲି ବେଆଇନ ଭାବେ ଲୁଟ୍ କରୁଛନ୍ତି। ତାହା ପଛରେ କାହାର ହାତ ଅଛି କାହାର ଅଭୟ ବରଦାନ ଯୋଗୁଁ ମାଫିଆମାନେ ଆଇନକୁ ଖାତିର କରୁନାହାନ୍ତି ଏହାକୁ ନେଇ ଏବେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଓ ମାଫିଆଙ୍କ ମଧ୍ୟରେ ଚାଲିଥିବା ଅସାଧୁ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ କଟକଣା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ଏହି ବେଆଇନ ଲୁଟ୍ ଯୋଗୁଁ ଗୋଟିଏ ପଟେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ଅନ୍ୟପଟେ ନଦୀ ପରିବେଶ ଓ ସ୍ଥାନୀୟ ଭୂପୃଷ୍ଠ ଉପରେ ଏହାର ଗୁରୁତର କୁପ୍ରଭାବ ପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କେତେକ ଅସାଧୁ ସରକାରୀ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ଯୋଗୁଁ ମାଫିଆମାନେ ନିର୍ଭୟରେ ଏହି କାରବାର ଚଳାଉଛନ୍ତି। ଅଞ୍ଚଳବାସୀ ଏବେ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନବାଚୀ ଲଗାଉଛନ୍ତି। ପ୍ରଶାସନ ଏହି ବେଆଇନ କାର୍ଯ୍ୟ ବିରୋଧରେ କେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତାହା ଏବେ ବଡ଼ ପ୍ରଶ୍ନ। ସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ଯେ କେଳାଝୁରି ଅଞ୍ଚଳରୁ ବାଲି ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ମାଫିଆଙ୍କୁ ସହଯୋଗ କରୁଥିବା ଓ ଅଣଦେଖା କରୁଥିବା ଅସାଧୁ କର୍ମଚାରୀଙ୍କୁ ତୁରନ୍ତ ସ୍ଥାନାନ୍ତର କରି ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଉ। ସରକାରୀ ରାଜସ୍ୱ ବୃଦ୍ଧି ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ବିଭାଗୀୟଉଚ୍ଚାଧିକାରୀମାନେ ନିଜେ ସ୍ପଟ୍ ଭିଜିଟ୍ କରି କଠୋର ପଦକ୍ଷେପ ଗ୍ରହଣ କରନ୍ତୁ।ଯଦି ତୁରନ୍ତ ଏହି ବେଆଇନ ବାଲି ଚାଲାଣ ଉପରେ ରୋକ୍ ନଲଗାଯାଏ, ତେବେ ଆଗାମୀ ଦିନରେ ନଦୀ ଶଯ୍ୟା ହଜିଯିବ ଆଉ ରହିବନି ନଦୀର ଅସ୍ତିତ୍ୱ। ଅଞ୍ଚଳବାସୀ ଆଗାମୀ ଦିନରେ ଆଇନକୁ ହାତକୁ ନେବାକୁ ବାଧହେବେ ବୋଲି ଚେତାବନୀ ଆସୁଛି।

# ବିଜେପିର ଜିଲ୍ଲାସ୍ତରୀୟ ସମରସ ସଂକଳ୍ପ ଅଭିଯାନ କର୍ମଶାଳା




ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଗୁରୁବାର ସନ୍ଥ ଶିରୋମଣି ଶ୍ରୀଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ଉପଲକ୍ଷେ ସମରସ ସଂକଳ୍ପ ଅଭିଯାନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କ ପୌରୋହିତ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ତଥା ସମରସ ସଂକଳ୍ପ ଅଭିଯାନର ଜିଲ୍ଲା ସଂଯୋଜକ ସୁଶାନ୍ତ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ହିନ୍ଦୋଳ ବିଧାୟିକା ତଥା ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ଅଧକ୍ଷା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଟୋଲୀର ସଦସ୍ୟ ବିଜେପି ଉପସଭାପତି ଧ୍ରୁବ ଚରଣ ସ୍ୱାଇଁ, ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସଭାପତି ସନ୍ତୋଷ ନାଏକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯଶସ୍ୱିନୀ ରାଉତ, ଜିଲ୍ଲା ଆଇ.ଟି . କୋଡିନେଟର ଦୁଷ୍ମନ୍ତ ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜରୁ ଭେଦ ଭାବ, ଜାତିବାଦ, ଅନ୍ଧବିଶ୍ୱାସ ସହ କୁସଂସ୍କାର ଦୂର କରି ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସନ୍ଥ ଗୁରୁ ରବି ଦାସ ଜୀ କାମକରୁଥିଲେ । ବ୍ୟକ୍ତିର ମହାନତା ଜନ୍ମରୁ ନୁହଁ ଏହା ଚରିତ୍ରରୁ ପରିପୃଷ୍ଟ ହୋଇଥାଏ ବୋଲି ଅତିଥିବୃନ୍ଦ ମାର୍ଗଦର୍ଶନ କରାଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ମାତୃ ପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲା ଉପସଭାପତି ନିରୋଦ ସାହୁ, ବରୁଣ ସର, ସହଦେବ ପୃଷ୍ଟି, ସଞ୍ଜୟ କୁମାର ରାଉତ, ମୀନକେତନ ନାୟକ, ଇତିଶ୍ରୀ ସାହୁ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଅଞ୍ଜନ ପାଣି, ମଞ୍ଜୁଲତା ସାହୁ, ପ୍ରଣତି ସାହୁ କୃଷକ ମୋର୍ଚ୍ଚା ସଭାପତି ଲଳିତ ସାହୁ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ନାଏକ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସୟଦ ସର୍ଫରାଜ ଅଲ୍ଲୀ, ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ସମେତ ସମସ୍ତ ମଣ୍ଡଳ ଟୋଲୀର ସଦସ୍ୟ/ସଦସ୍ୟା କର୍ମଶାଳାରେ ଯୋଗଦେଇଥିଲେ। ଶେଷରେ ଦୁଷ୍ମନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଖୋର୍ଦ୍ଧାରେ ବନ୍ୟା ଅଲର୍ଟ, ୨ ଦିନ ଛୁଟି ରହିବ ସ୍କୁଲ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ଆଜି ଓ ଆସନ୍ତାକାଲି (୩୦ ଓ ୩୧ ଜୁଲାଇ ୨୦୨୬) ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ବିଦ୍ୟାଳୟ କୋଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଗୁଡ଼ିକ ୨୪ ଘଣ୍ଟା ଖୋଲା ରଖିବା ପାଇଁ ରୋଷ୍ଟର ଡ୍ୟୁଟି ପ୍ରଚଳନ ପାଇଁ ପ୍ରଧାନଶିକ୍ଷକ ଏବଂ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ତୁରନ୍ତ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏଥି ସହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

# ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ସମ୍ବର୍ଦ୍ଧିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ନିକଟରେ ବାହୁଡ଼ାଯାତ୍ରା ଭଜନ ସମାରୋହ ସନ୍ଧ୍ୟାରେ ଉଫୁନାର ସଭାପତି, ଆଡ୍ ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କୁ ବାହୁଡ଼ାଯାତ୍ରା ଭଜନ ସମାରୋହ ସର୍ବପ୍ରଥମ କମିଟିର ସର୍ବ ପୁରାତନ ନିରବଚ୍ଛିନ୍ନ ସଦସ୍ୟ ଭାବରେ ଦୀର୍ଘ ବର୍ଷଧରି ଜଡ଼ିତ ରହି ସନ୍ତୋଷଜନକ ସେବା କାର୍ଯ୍ୟ କରିଥିବାରୁ ସଭା ମଂଚରେ ପ୍ରାକ୍ତନ ଢେଙ୍କାନାଳ ସଦର ବିଧାୟକ ସୁଧିର ସାମଲ ପୁଷ୍ପଗୁଚ୍ଛ ଉତ୍ତରୀୟ ଉପଢୌକନ ଓ ମେମେଂଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ରତନ ନାୟାରଙ୍କ ପୌରୋହିତ୍ୟରେ ସାମ୍ବାଦିକ ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ଜିଲ୍ଲା ବାର୍ ଆସୋସିଏସନ୍‌ର ସଭାପତି ଆଡ୍ ଭୋକେଟ୍ ଗୋପାଳ ପାତ୍ର, କମିଟିର ସାଧାରଣ ସଂପାଦକ ବିଶ୍ୱନାଥ ବେହେରା ପ୍ରମୁଖ କମିଟିର ସମସ୍ତ ସଦସ୍ୟା,ସଦସ୍ୟଗଣ ଓ ସହସ୍ରାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ■ ବ୍ରାହ୍ମଣୀ ନଦୀବନ୍ଧରେ ପଡ଼ିଲା ଘଳିଆ

# ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗର ତଦାରଖ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଘାଗରା ନିକଟ ବ୍ରାହ୍ମଣୀ ନଦୀ ବନ୍ଧରେ ପ୍ରଖର ସ୍ରୋତ ପ୍ରଭାବରେ ସାମାନ୍ୟ ଘଳିଆ ପଡ଼ିବାକୁ ନେଇ ସ୍ଥାନିୟ ଗ୍ରାମର ସଧାରଣ ଗ୍ରାମବାସୀ ଏବେ ଚିନ୍ତିତ ଓ ଭୟଭୀତ। ଉପର ମୁଣ୍ଡରୁ ସର୍ବାଧିକ ବନ୍ୟା ଜଳ ପ୍ରବାହିତ ହେଉଛି। ହୀରାକୁଦ ଜଳଭଣ୍ଡାରର ୨ଟି ଗେଟ୍ ଦ୍ୱାରା ବନ୍ୟା ପାଣି ଛଡା ଯାଉଛି ଯାହାକି ରେଙ୍ଗାଲିର ଅଧୀନରେ ଆସୁଥିବା ଅବବାହିକା ଗୁଡ଼ିକରେ ମଧ୍ୟମ ଧରଣର ବନ୍ୟା ଜଳ ପ୍ରବାହିତ ହେଉଛି। ଘାଗରା ପଞ୍ଚାୟତ ନିକଟ ବ୍ରାହ୍ମଣି ନଦୀବନ୍ଧରେ ସାମାନ୍ୟ ଘଳୀଆ ପଡ଼ିବା ପୂର୍ବରୁ ପ୍ରସ୍ତୁତ ରହିଥିବା ଜଳସେଚନ ବିଭାଜନ ବନ୍ଧକୁ ପ୍ରଖୋର ପାଣି ସ୍ରୋତରୁ ରକ୍ଷା କରିବା ପାଇଁ ଅସ୍ଥାୟୀ ଭାବରେ ବାଲି ବସ୍ତା ଖଞ୍ଜା ଯାଉଛି। ନଦୀ ତଟବନ୍ଧର ନିରିକ୍ଷଣ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ଜଳସେଚନ ବିଭାଜନର ଅଧୀକ୍ଷକ ଯନ୍ତ୍ରୀ ଇଂ ରାକେଶ କୁମାର୍ ମଲ୍ଲିକ୍, ବିଭଗୀୟ ଯନ୍ତ୍ରୀ ଦିପ୍ତି ରଞ୍ଜନ ବେହୁରା, ସ୍ଥାନିୟ ସରପଞ୍ଚ ଅଜିତ୍ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ନଦୀ ତଟ ବନ୍ଧର ତଦାରଖ କରିଥିଲେ।

MANAPPURAM FINANCE LTD.

CIN : L65910KL1992PLC006623
Registered Office: W - 4/ 638A, Manappuram House,
P.O. Valapad, Thrissur - 680 567, Kerala, India

## ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 17.08.2026 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଆସ୍କା ରୋଡ୍, 0110540700047939, 9325, 9611, 9628, 9733, 9795, 9878, 0138, 0360, 0532, 0833, 0968, 1009, 1126, 1267, 1722, 1729, 1801, 1948, 2016, 2076, 2102, 2500, 2524, 2548, 2673, 2814, 2820, 2914, 3003, 3221, 3240, 3277, 3334, 3350, 3451, 3452, 3468, 3513, 3547, 3602, 3770, 3784, 3786, 3824, 3885, 3923, 4145, 4178, 4265, 4291, 5996, 5998, 0110540730070878, 1121, 2229, 5704, 5968, 6843, 6880, 0389, 0390, 0391, 0400, 0401, 0407, 0410, 0411, 0412, 0005, 0564, ଆସ୍କା, ଲକ୍ଷ୍ମୀ ବଜାର, 0115990700041457, 3374, 3474, 3475, 3552, 3580, 3627, 3651, 3838, 3855, 3963, 3977, 3996, 4039, 4061, 4063, 4077, 4113, 4155, 4183, 4195, 4437, 4462, 4525, 4538, 4560, 4569, 4623, 4675, 4702, 4718, 4804, 4837, 4853, 4877, 5125, 5222, 5279, 5410, 5777, 5859, 5911, 5944, 5996, 6028, 6131, 6192, 6295, 6302, 6462, 6545, 6546, 6596, 6685, 6719, 6742, 6781, 6801, 6820, 6887, 6934, 6943, 7093, 7215, 7230, 7284, 7286, 7304, 7385, 7440, 7569, 7572, 7602, 7624, 7856, 7862, 7984, 8014, 9613, 9614, 0115990730120436, 5237, 5238, 8135, 2014, 2093, 2237, 2540, 2732, 2812, 2813, 3037, 3415, 4092, 4133, 4872, 4873, 5183, 5328, 5437, 5519, 6093, 6538, 6992, 7096, 7363, 7466, 7575, 7648, 7867, 8114, 8199, 8945, 9542, 9756, 9760, 0047, 0170, 0296, 0376, 0580, 0689, 8816, 8817, 8818, 8819, 8821, 8822, 8825, 8826, 8827, 8828, 8829, 8831, 8834, 8835, 8841, 8844, 8845, 0146, ବ୍ରହ୍ମପୁର 1, 0108500700047274, 7319, 7745, 7802, 8076, 8144, 8251, 8334, 8335, 8470, 8502, 8672, 8821, 8974, 9077, 9096, 9635, 9746, 9838, 0119, 0318, 0884, 0935, 1421, 1556, 1624, 1648, 1712, 1792, 1801, 1877, 2110, 2190, 2211, 2299, 2307, 2351, 2376, 2401, 2430, 4453, 4803, 0108500730057027, 8853, 8854, 9419, 0392, 0500, 1201, 1658, 3105, 3183, 3554, 4490, 4554, 4670, 4671, 4713, 4714, 4715, 4716, 4717, 4718, 4751, 4913, 4930, 5912, 6035, 7245, 7708, 7822, 7652, 7653, 7658, 7661, 7667, 7669, 7670, 7671, 7673, 7674, 7676, 7677, 7682, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 0109090700046663, 6942, 7264, 7487, 7540, 7700, 8211, 8350, 8393, 8430, 8474, 8825, 8836, 8872, 9060, 9381, 9463, 9668, 9669, 9698, 0116, 0148, 0158, 0391, 0410, 0485, 0716, 0730, 0766, 0820, 0945, 0955, 1002, 1013, 1040, 1072, 1224, 1236, 1268, 1297, 1304, 1384, 1427, 1517, 1549, 3463, 3465, 0109090730071361, 1980, 6482, 6719, 6855, 8185, 8526, 8527, 8570, 8900, 8918, 9519, 0823, 1839, 1840, 1934, 2090, 2419, 2420, 2642, 2909, 2942, 3305, 4109, 4423, 4513, 4916, 5166, 5228, 5379, 5431, 5550, 5845, 6094, 6364, 6742, 6766, 7097, 7100, 7102, 7103, 7104, 7105, 7106, 7109, 7112, 7113, 7122, 0211, 0234, ଭଞ୍ଜନଗର, 0136170700018388, 8399, 8644, 8819, 9532, 9931, 9949, 0064, 0246, 0300, 0343, 0351, 0404, 0565, 0659, 0692, 0788, 0869, 0911, 0912, 1078, 1118, 1276, 1302, 1334, 1394, 1601, 1736, 1883, 1974, 1982, 2024, 2123, 2132, 2134, 2156, 2173, 2208, 2261, 2386, 2432, 2477, 2485, 2622, 2623, 2740, 2806, 2875, 2876, 2886, 3011, 3226, 3323, 3330, 3643, 3645, 3658, 3674, 3790, 3858, 4072, 4212, 4279, 4398, 4490, 6464, 0136170730075859, 9599, 0773, 3210, 4232, 4540, 4999, 5096, 5972, 6365, 6557, 6720, 7087, 7770, 8160, 8367, 8883, 9909, 9989, 9991, 1435, 1475, 1564, 1575, 1712, 2000, 2046, 2068, 2122, 2407, 2498, 2579, 2718, 3093, 3130, 3222, 3442, 3783, 3807, 3868, 4073, 4122, 4140, 4231, 4422, 2171, 2173, 2174, 2175, 2181, 2182, 2186, 2189, 2190, 2192, 2193, 2194, 0011, 0231, 0345, ବିଗ୍ ବଜାର, 0108910700040190, 0780, 1157, 1509, 1627, 1715, 2056, 2138, 2231, 2409, 2471, 2505, 2632, 2676, 2698, 2940, 3339, 3570, 3614, 3697, 3839, 3867, 4107, 4197, 4232, 4265, 4423, 4505, 4512, 4532, 4959, 4989, 5016, 5040, 5103, 5128, 5153, 5275, 5356, 5413, 5484, 5503, 5576, 7272, 0108910730041757, 1758, 5058, 5273, 5329, 5603, 5605, 5726, 6381, 6548, 6549, 6573, 6762, 6799, 7070, 8734, 9398, 9987, 0143, 0168, 0169, 7946, 7947, 7948, 7949, 7950, 7951, 7952, 7953, 7959, 7960, 7961, ଛତ୍ରପୁର, ଓଡ଼ିଶା, 0128060700045496, 5835, 6022, 6384, 6410, 6514, 6648, 6649, 6652, 6795, 6802, 6809, 7003, 7017, 7097, 7209, 7253, 7317, 7501, 7571, 7597, 7641, 7781, 7809, 7844, 7958, 7981, 8006, 8013, 8052, 8055, 8140, 8152, 8172, 8195, 8209, 8225, 8247, 8263, 8268, 8302, 8304, 8354, 8397, 8616, 8782, 8832, 8923, 9011, 9035, 9182, 9213, 9242, 9248, 9260, 9270, 9389, 9424, 9464, 9490, 9547, 9635, 9644, 9689, 9719, 9878, 9884, 0043, 0133, 0230, 0272, 0288, 0294, 0306, 0376, 0405, 0406, 0407, 0417, 0458, 0476, 0494, 0501, 0519, 0534, 0644, 0648, 0700, 0770, 0858, 0867, 0935, 0986, 1014, 1024, 1106, 1107, 1171, 1189, 1195, 2748, 2749, 2750, 0128060730049438, 9632, 9865, 9915, 0017, 0691, 1618, 2949, 3200, 3389, 3392, 3393, 3657, 5182, 5215, 5228, 5647, 5968, 6104, 6416, 6417, 6418, 6448, 6562, 6611, 6612, 6846, 6874, 6887, 6894, 6895, 7026, 7850, 8587, 8785, 9185, 9302, 9414, 8211, 8218, 8219, 8222, 8223, 8224, 8231, 8234, 8236, 0328, 0335, ଗୋସାଣିଗାଁ, ଓଡ଼ିଶା, 0129230700044411, 5127, 5251, 5903, 5942, 6001, 6025, 6035, 6174, 6269, 6401, 6589, 6591, 6758, 7147, 7154, 7199, 7340, 7419, 7485, 8203, 8266, 8319, 8334, 8501, 8531, 8538, 8579, 8674, 8683, 8694, 9292, 9402, 9520, 9540, 9760, 9772, 9952, 0040, 0049, 0117, 0275, 0297, 0371, 0440, 0519, 0521, 0593, 2283, 2286, 0129230730084275, 7061, 7145, 7641, 7716, 0511, 0512, 0732, 0803, 1041, 1602, 1839, 1858, 1861, 2352, 3639, 3640, 4324, 4366, 4529, 4713, 4942, 5002, 2892, 2894, 2896, 2900, 2903, ଜନନ ହସ୍‌ପିଟାଲ୍ ରୋଡ୍ – ବ୍ରହ୍ମପୁର, 0122350700037822, 8275, 8388, 8844, 9059, 9207, 9680, 9938, 9976, 0449, 0786, 0931, 1061, 1132, 1375, 1471, 1476, 1558, 1624, 1779, 1837, 1869, 1987, 2016, 2162, 2187, 2226, 2357, 4186, 4189, 0122350730080010, 0581, 0663, 0734, 1185, 1432, 1433, 1848, 3274, 3406, 3507, 3508, 3939, 4382, 4707, 6397, 6465, 6634, 6635, 6769, 5524, 5525, 5526, 5527, 5532, 5533, 5536, 5537, 5542, 5543, 0492, କୋମ୍ମାପଲ୍ଲୀ ମେନ୍ ରୋଡ୍, 0131650700023515, 6125, 6131, 6207, 6590, 6911, 6993, 7002, 7003, 7009, 7090, 7277, 7668, 7758, 7836, 8131, 8830, 8953, 8988, 9026, 9041, 0131650730068888, 9182, 9671, 9673, 0237, 0865, 0867, 0897, 1245, 1246, 1247, 2172, 3669, 3857, 3948, 4014, 0198, 0199, 0202, 0210, 0211, 0216, 0217, ପୁରୁଷୋତ୍ତମପୁର, 0136150700015654, 6228, 6332, 6491, 6581, 6616, 6754, 6783, 6784, 6791, 6814, 6834, 6912, 7066, 7083, 7253, 7275, 7396, 7635, 7742, 7949, 7977, 8172, 8214, 8349, 8457, 8458, 8502, 8583, 8656, 8727, 8915, 8946, 9063, 9226, 9311, 9518, 9701, 1314, 1319, 0136150730060595, 0596, 0970, 1039, 2576, 3244, 3297, 3877, 4064, 4360, 4944, 5783, 5830, 6035, 6370, 6395, 6482, 6652, 6970, 6987, 7213, 7351, 7357, 7389, 7496, 7509, 7633, 7772, 7839, 8229, 8261, 8682, 9071, 6365, 6366, 6369, 6370, 6371, 6373, 6374, 6375, 6376, 6384, 6385, 6386, 6387,

ଉପରୋକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନଲିଖିତଗୁଡ଼ିକୁ ପାଳନ କରିବେ: – ଆଗ୍ରହୀ ନିଲାମକାରୀମାନେ ନିଲାମ ଦିନ ହିଁ NEFT/RTGS ମାଧ୍ୟମରେ EMD ଭାବରେ ଟ. 10,000/- (ଅସଫଳ ନିଲାମକାରୀମାନଙ୍କୁ ଫେରସ୍ତଯୋଗ୍ୟ) ଜମା କରିବା ଉଚିତ । ନିଲାମକାରୀମାନେ ବୈଧ ପରିଚୟ ପତ୍ର/ପାନ୍ କାର୍ଡ ନିଜ ସହିତ ଆଣିବା ଆବଶ୍ୟକ । ଅଧିକ ସୂଚନା ପାଇଁ ଦୟାକରି ମୋବାଇଲ୍ ନମ୍ବର - 9072607147 ରେ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ